# ଓପିଜିସି ସମ୍ପ୍ରସାରଣ ଆଉ ବିଳମ୍ବ ହେବ ନାହିଁ : ଶକ୍ତି ସଚିବ

ରାଉରକେଲା ଅଫିସ,୧୫।୧୧– ଓଡ଼ିଶା ଶକ୍ତି ଉତ୍ପାଦନ ନିଗମ(ଓପିଜିସି)ର ଝାରସୁଗୁଡ଼ା ଜିଲା ବନହରପାଲିସ୍ଥିତ ଶକ୍ତି ପ୍ରକଳ୍ପର ସମ୍ପ୍ରସାରଣ କାର୍ଯ୍ୟରେ ଆଉ ବିଳମ୍ବିତ ହେବ ନାହିଁ । ପ୍ରକଳ୍ପ ସମ୍ପ୍ରସାରଣ ପାଇଁ କେନ୍ଦ୍ର ସରକାରଙ୍କ ଜଙ୍ଗଲ ଏବଂ ପରିବେଶ ମନ୍ତ୍ରଣାଳୟ ପକ୍ଷରୁ ପୂର୍ବରୁ ପରିବେଶଗତ ମଞ୍ଜୁରୀ ମିଳି ସାରିଥିବାବେଳେ ସୁନ୍ଦରଗଡ଼ ଜିଲାର ମନୋହରପୁର କୋଲ ବ୍ଲକକୁ ପରିବେଶଗତ ମଞ୍ଜୁରୀ ଏବଂ ମାଇନିଂ ଲିଜ ପାଇଁ ହୋଇଥିବା ଆବେଦନ ଉପରେ ରାଜ୍ୟ ସରକାରଙ୍କ ପକ୍ଷରୁ ସୁପାରିସ କରାଯାଇ କେନ୍ଦ୍ର ସରକାରଙ୍କ ନିକଟରେ ଦାଖଲ କରାଯାଇଛି । ଖୁବଶୀଘ୍ର ଏନେଇ ମଞ୍ଜୁରୀ ମିଳିଯିବ ବୋଲି ରାଜ୍ୟ ଶକ୍ତି ବିଭାଗ ଆଶାବାଦୀ ଥିବା ଶକ୍ତି ସଚିବ ପ୍ରଦୀପ କୁମାର ଜେନା କହିଛନ୍ତି । ରାଉରକେଲାସ୍ଥିତ ନ୍ୟାସନାଲ ଇନଷ୍ଟିଚ୍ୟୁଟ ଅଫ୍ ଟେକ୍ନୋଲୋଜି(ଏନଆଇଟି)ଠାରେ ଏକ ସମୀକ୍ଷା ବୈଠକରେ ଯୋଗ ଦେବାକୁ ଆସିଥିବା ଅବସରରେ ଧରିତ୍ରୀକୁ ଏକ ସାକ୍ଷାତକାରରେ ଶକ୍ତି ସଚିବ ଜେନା କହିଥିଲେ ଯେ, କୋଲ୍ ବ୍ଲକ୍‌କୁ ପରିବେଶଗତ ମଞ୍ଜୁରୀ ନ ମିଳିବା କାରଣରୁ ଓପିଜିସି ସମ୍ପ୍ରସାରଣରେ ବାଧକ ଉପୁଜୁଥିଲା, ଯାହାର୍କି ଖୁବ୍‌ଶୀଘ୍ର ସମାଧାନ ହୋଇଯିବ । ସେ କହିଥିଲେ ଯେ, ବନହରପାଲିଠାରେ ଓପିଜିସିର ପ୍ରସ୍ତାବିତ ତୃତୀୟ ଏବଂ ଚତୁର୍ଥ ୟୁନିଟ ପ୍ରତିଷ୍ଠା ଦିଗରେ ଯାହା ବିଳମ୍ବ ହେବା କଥା ତାହା ହୋଇସାରିଛି । ଏଣିକି ଆଉ ସମସ୍ୟା ହେବ ନାହିଁ । ଶକ୍ତି ପ୍ରକଳ୍ପ ପାଇଁ ଯନ୍ତ୍ରପାତି କିଣିବା ଦିଗରେ ଟେଣ୍ଡର ଆହ୍ୱାନ ପୂର୍ବକ ପଦକ୍ଷେପ ନିଆଯାଇଛି । ବିଡ୍ ଓପନ ହୋଇ ସାରିଥିବାରୁ ଜାନୁଆରୀ ସୁଦ୍ଧା କ୍ରୟ ଆଦେଶ ଜାରି କରାଯିବାର ସମ୍ଭାବନା ରହିଛି । ପ୍ରକଳ୍ପର ନିର୍ମାଣ କାର୍ଯ୍ୟ ୨୦୧୩-୧୪ ଆର୍ଥିକ ବର୍ଷର ପ୍ରଥମାର୍ଦ୍ଧରେ ଆରମ୍ଭ ହୋଇଯିବ । ଓପିଜିସିର ଏହି ପ୍ରକଳ୍ପ ପାଇଁ ମନୋହରପୁର ଏବଂ ମନୋହରପୁର ଡିପ୍ ସାଇଟ କୋଲ ବ୍ଲକ ଏମ୍‌ସିଏଲ୍‌ର କୋଲ୍ ଲିଙ୍କେଜ୍ କମିଟି ବସି ପାରୁନାହିଁ । ଶକ୍ତି ବିଭାଗ ସମସ୍ତ ସର୍ତ୍ତ ଏବଂ ଆବଶ୍ୟକତା ପୂରଣ କରି ସାରି ଥିବାରୁ କୋଲ ଲିଙ୍କେଜ ପାଇବାରେ ଆଉ ସମସ୍ୟା ହେବ ନାହିଁ । କେବଳ ଯେତେଶୀଘ୍ର ବୈଠକ ବସିବ ସେତେ ଶୀଘ୍ର ସମସ୍ୟା ଦୂର ହେବ । ୨୦୧୬ ଶେଷ ଅବା ୨୦୧୭ ସୁଦ୍ଧା ତୃତୀୟ ଏବଂ ଚତୁର୍ଥ ୟୁନିଟରୁ ବିଦ୍ୟୁତ ଉତ୍ପାଦନ ଆରମ୍ଭ ହେବ । ୨୦୧୮ ସୁଦ୍ଧା କୋଲ ବ୍ଲକରୁ କୋଇଲା ଉତ୍ପାଦନ ଆରମ୍ଭ ହେବାକୁ ଥିବାରୁ ପ୍ରଥମ ଦୁଇ ବର୍ଷ ପାଇଁ କୋଇଲାର ଆବଶ୍ୟକତା ଏମସିଏଲରୁ ପୂରଣ କରାଯିବ । ଏଥିପାଇଁ ଏମସିଏଲରୁ ମଧ୍ୟବର୍ତ୍ତିକାଳୀନ କୋଲ୍ ଲିଙ୍କେଜର ଆବଶ୍ୟକତା ରହିଛି । ତୃତୀୟ ଏବଂ ଚତୁର୍ଥ ୟୁନିଟର ଉତ୍ପାଦନ ଆରମ୍ଭ ହେବାର ପ୍ରଥମ ଦୁଇ ବର୍ଷ କେବଳ ଏମସିଏଲରୁ କୋଇଲା ଯୋଗାଣ ଜରୁରୀ । ପରେ ନିଜସ୍ୱ କୋଲ ବ୍ଲକ କାର୍ଯ୍ୟକ୍ଷମ ହେଉଥିବାରୁ ଆଉ ସମସ୍ୟା ରହିବ ନାହିଁ ବୋଲି ଶକ୍ତି ସଚିବ କହିଥିଲେ । ବୈଠକ ପରେ ଓପିଜିସି ସମ୍ପର୍କିତ ପ୍ରଶ୍ନ ପ୍ରଥମେ ଶକ୍ତିମନ୍ତ୍ରୀ ଅରୁଣ ସାହୁଙ୍କୁ ପଚରାଯାଇଥିଲା ମାତ୍ର ସେ ଏହାର ଉତ୍ତର ରଖିବାକୁ ବିଭାଗୀୟ ସଚିବଙ୍କୁ କହି ଚାଲିଯାଇଥିଲେ ।